# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 01st March - 2026

*******************************

*Desk*

## ଏୟାର୍ ଇଣ୍ଡିଆ ବିମାନ

ପଶ୍ଚିମ ଏସିଆରେ ସୃଷ୍ଟ ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏୟାର୍ ଇଣ୍ଡିଆ ପକ୍ଷରୁ ସେହି ଅଞ୍ଚଳକୁ ସମସ୍ତ ଉଡ଼ାଣ ବାତିଲ୍ କରାଯାଇଛି । ଆଜି ରାତି ୧୧ଟା ୫୯ ମିନିଟ୍ ପର୍ଯ୍ୟନ୍ତ ଏହି ନିଷ୍ପତ୍ତି ବଳବତ୍ତର ରହିବ । ଯାତ୍ରୀ ତଥା କର୍ମଚାରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଏୟାର୍ ଇଣ୍ଡିଆ ପକ୍ଷରୁ କୁହାଯାଇଛି । ତେବେ ପରସ୍ଥିତିକୁ ସମୀକ୍ଷା କରିବା ପରେ ପରବର୍ତ୍ତୀ ନିଷ୍ପତ୍ତି ଗ୍ରହଣ କରାଯିବ । ଆଜି ନିର୍ଦ୍ଧାରିତ ୨୮ଟି ଆନ୍ତର୍ଜାତିକ ଉଡ଼ାଣକୁ ବାତିଲ୍ କରାଯାଇଛି । ବିମାନ ଯାତ୍ରା ପୂର୍ବରୁ ଏୟାର୍ ଇଣ୍ଡିଆ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବାକୁ ଯାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଛି ।

*Ganjam/R*

## ବନ୍ଦରସ୍ଥଳୀ ପରିଦର୍ଶନ

ଗଞ୍ଜାମ ଜିଲ୍ଲା ସୁନାପୁରସ୍ଥିତ ବାହୁଡ଼ା ନଦୀ ମୁହାଣରେ ପ୍ରସ୍ତାବିତ ବନ୍ଦରସ୍ଥଳୀକୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ପରିଦର୍ଶନ

କରିଛନ୍ତି । ବିଭାଗୀୟ ସଚିବ, ଜିଲ୍ଲାସ୍ତରୀୟ ଉଚ୍ଚପଦସ୍ଥ ସରକାରୀ ଅଧିକାରୀ ତଥା ବନ୍ଦରସ୍ଥଳୀ ନିର୍ମାଣରେ ନିୟୋଜିତ ଅଂଶୀଦାରଙ୍କ ସହ ଶ୍ରୀ ଜେନା' ବନ୍ଦରସ୍ଥଳୀର ପରିସ୍ଥିତି ସମୀକ୍ଷା କରିଛନ୍ତି । ୨୧ ହଜାର ୫୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଏହି ବନ୍ଦର ଦେଶର ବୃହତ୍ ବନ୍ଦରସ୍ଥଳୀଗୁଡ଼ିକ ମଧ୍ୟରେ ସ୍ଥାନିତ ହେବ ବୋଲି ଶ୍ରୀ ଜେନା କହିଛନ୍ତି ।

***Voice (BB Jena) :......***

***Desk***

# ଭୂ-ରାଜସ୍ୱ

ଚଳିତ ଆର୍ଥିକ ବର୍ଷପାଇଁ ଭୂ-ରାଜସ୍ୱ ଓ ଜଳକର ଆଦାୟ ଧାର୍ଯ୍ୟ ଲକ୍ଷ୍ୟକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି । ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀ ଏଥିପାଇଁ ସବୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଚଳିତ ଆର୍ଥିକ ବର୍ଷପାଇଁ ଭୂ-ରାଜସ୍ୱ ବାବଦରେ ୯୮୦ କୋଟି ଟଙ୍କା ଏବଂ ଜଳକର ବାବଦରେ ୨୫ କୋଟି ୩୨ ଲକ୍ଷ ଟଙ୍କା ଆଦାୟର ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ଜଣାପଡ଼ିଛି ।

*Desk*

# ଖଡ଼ିଛୁଆଁ ଉତ୍ସବ

ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକରେ ୨୦୨୬-୨୭ ଶିକ୍ଷାବର୍ଷପାଇଁ ନାମଲେଖା ପ୍ରକ୍ରିୟା ଆସନ୍ତା ଏପ୍ରିଲ୍ ମାସରୁ ଆରମ୍ଭ ହେବ । ଏପ୍ରିଲ୍ ମାସ ୨ରୁ ୫ ତାରିଖ ପର୍ଯ୍ୟନ୍ତ ସବୁ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ - ଓସେପା ପକ୍ଷରୁ ଏଥିପାଇଁ ସବୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଚିଠି ମାଧ୍ୟମରେ ସୂଚନା ପ୍ରଦାନ କରାଯାଇଛି ।

*Cuttack/R*

# ପି.ଏମ୍.ଶ୍ରୀ ବିଦ୍ୟାଳୟ

କେନ୍ଦ୍ର ସରକାରଙ୍କ ଶିକ୍ଷା ବିଭାଗର ସୂଚନା ଓ ପ୍ରଯୁକ୍ତିବିଦ୍ୟା ଯୁଗ୍ମ ସଚିବ ପ୍ରେମଚନ୍ଦ ମୌରି ଇତିମଧ୍ୟରେ ରାଜ୍ୟର ୪ଟି ପି.ଏମ୍.ଶ୍ରୀ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି । କଟକ ଜିଲ୍ଲାସ୍ଥିତ ଏହି ବିଦ୍ୟାଳୟଗୁଡ଼ିକୁ ପରିଦର୍ଶନ କରିବା ଅବସରରେ ଶ୍ରୀ ମୌରି ବିଦ୍ୟାଳୟରେ ଉପଲବ୍ଧ ଆନୁଷଙ୍ଗିକ ବ୍ୟବସ୍ଥା ନେଇ ସମୀକ୍ଷା କରିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହଠାରେ ଜିଲ୍ଲାର ସମସ୍ତ ୩୩ଟି ପି.ଏମ୍.ଶ୍ରୀ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟର ସଂଯୋଜକମାନଙ୍କ ସହ ଆଲୋଚନା କରିଥିଲେ ।

*Puri/R*

# ଧାନ ସଂଗ୍ରହ

ପୁରୀ ଜିଲ୍ଲାର ସମସ୍ତ ବ୍ଲକ୍‌ରେ ଧାନ ସଂଗ୍ରହ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି । ୧୯୬ଟି ମଣ୍ଡି ମାଧ୍ୟମରେ ଏପର୍ଯ୍ୟନ୍ତ ୧୧ ଲକ୍ଷ ୭୫ ହଜାର କୁଇଣ୍ଟାଲ୍ ଧାନ କ୍ରୟ କରାଯାଇଥିବାବେଳେ ଚାଷୀଙ୍କୁ ୨୫୮ କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି । ବିଭିନ୍ନ ମଣ୍ଡିରେ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଶୃଙ୍ଖଳିତ ଧାନ ସଂଗ୍ରହର ସମୀକ୍ଷା କରିଛନ୍ତି ।

*Kendrapara/R*

# ରାଜ୍ୟ ବଜେଟ୍ - ଆଲୋଚନାଚକ୍ର

କେନ୍ଦ୍ରାପଡ଼ ଜିଲ୍ଲା ଭାରତୀୟ ଜନତା ପାର୍ଟି ଅନୂସଚିତ ଜାତି ମୋର୍ଚ୍ଚା ପକ୍ଷରୁ ରାଜ୍ୟ ବଜେଟ୍ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଦୁହୁରିଆସ୍ଥିତ ଜିଲ୍ଲା କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଜିଲ୍ଲାସ୍ତରୀୟ ଦଳୀୟ ନେତା ଏବଂ କର୍ମୀ ଯୋଗଦେଇ ରାଜ୍ୟ ବଜେଟ୍‌କୁ ଏକ ଯୁଗାନ୍ତକାରୀ ବଜେଟ୍ ବୋଲି ବର୍ଣ୍ଣନା କରିଛନ୍ତି । ଅନୁସୂଚିତ ଜାତି ଓ ଜନଜାତି ବିକାଶ ଏବଂ ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗପାଇଁ ଆବଣ୍ଟିତ ଅର୍ଥ ଉତ୍ସାହଜନକ ବୋଲି କୁହାଯାଇଛି ।

*Nuapada/R*

## ଖଡ଼ିଆଳ - ଆଲୋଚନାଚକ୍ର

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ନାତକ ମହିଳା ମହାବିଦ୍ୟାଳୟରେ ଇତିହାସ ବିଭାଗ ପକ୍ଷରୁ 'ରାଜନୀତି ପୃଷ୍ଠଭୂମିରେ ଖଡ଼ିଆଳ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରାକ୍-ସ୍ୱାଧୀନତା ଏବଂ ସ୍ୱାଧୀନୋତ୍ତର ଖଡ଼ିଆଳ ସ୍ଥିତି ଉପରେ ବିଶେଷଜ୍ଞ ଏବଂ ଛାତ୍ରୀମାନେ ମତ ବିନିମୟ କରିଥିଲେ ।

*Bhadrak/R*

## ଶ୍ରୀଚୈତନ୍ୟ ମହାପ୍ରଭୁ ନବକଳେବର

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ସୋହଡ଼ା ପଞ୍ଚାୟତର ଗୌରାଙ୍ଗପୁର ଜୟନ୍ତିରାରେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ନବକଳେବର ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏଥିରେ ଯୋଗଦେଇ' ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ମାର୍ଗଦର୍ଶନ ଉପରେ ଆଲୋକପାତ କରିଥିଲେ ।

*Malkangiri/R*

## ପ୍ରକଳ୍ପ ସମୀକ୍ଷା

ମାଲକାନଗିରି ପୌରପରିଷଦ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନା ଏବଂ ପ୍ରସ୍ତୁତ ହେବାକୁ ଥିବା ପ୍ରକଳ୍ପଗୁଡ଼ିକର ସ୍ଥିତି

ନେଇ ବିଧାୟକ ନରସିଂହ ମାଡ଼କାମୀ ଗତକାଲି ସମୀକ୍ଷା କରିଛନ୍ତି । ଏହି ଅବସରରେ ବିଭାଗୀୟ ଅଧିକାରୀ ଏବଂ ଜନସାଧାରଣଙ୍କ ସହ ଶ୍ରୀ ମାଡ଼କାମୀ ଆଲୋଚନା କରିଛନ୍ତି ।

***Nabarangpur/R***

## ସୁଭଦ୍ରା ଶକ୍ତିମେଳା

ନବରଙ୍ଗପୁର ଜିଲ୍ଲାରେ ସୁଭଦ୍ରା ଶକ୍ତିମେଳା ଆୟୋଜିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆୟୋଜିତ ଏହି ମେଳାରେ ଟ୍ରାଇବାଲ୍ ଫ୍ୟାଶନ୍ ଶୋ' ଅନୁଷ୍ଠିତ ହୋଇଛି । ଏଥିରେ ମିଶନ ଶକ୍ତି ମହିଳାଙ୍କଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ ଓ ପାରମ୍ପରିକ ପୋଷାକକୁ ପ୍ରଦର୍ଶନ କରାଯାଇଛି ।

***Bolangir/R***

## ଗ୍ରୀଷ୍ମପ୍ରବାହ - ପ୍ରସ୍ତୁତି ବୈଠକ

ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ରେ ଆଗାମୀ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପ୍ରସ୍ତୁତିମୂଳକ ପଦକ୍ଷେପ ଗ୍ରହଣ କରିବା ସଂକ୍ରାନ୍ତ ବୈଠକ ଗତକାଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ତାପମାତ୍ରା ବୃଦ୍ଧି ସ୍ଥିତି ଏବଂ ଏ ସଂକ୍ରାନ୍ତ ଆହ୍ୱାନର ମୁକାବିଲା ପାଇଁ ଗ୍ରହଣ କରାଯିବାକୁ ଥିବା ପଦକ୍ଷେପଗୁଡ଼ିକ ଉପରେ ମତ ବିନିମୟ ହୋଇଛି ।

*****